ପ୍ରମେୟ
THE PRAMEYA

15th May, 2019

# ଭୁବନେଶ୍ୱର ଆଇଆଇଟିର ୬ କୋଟିର କ୍ଷତି

## ଆମ୍ବୁଲାନ୍ସ ଓଲଟିଲା, ସୋଲାର୍ ପ୍ୟାନେଲ୍ ଭାଙ୍ଗିଲା

ଭୁବନେଶ୍ୱର,୧୪।୫(ବ୍ୟୁରୋ): ଅରଗୁଳସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱରରେ 'ଫୋନି' ମାଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କ୍ୟାମ୍ପସ୍‌ରେ ଘଣ୍ଟା ପ୍ରତି ୧୯୦ କିଲୋମିଟର୍ ବେଗରେ ପବନ ଯୋଗୁଁ ପାଖାପାଖି ୬ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି ବୋଲି ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର କହିଛନ୍ତି। ବିଶେଷ କରି କ୍ୟାମ୍ପସ୍ ପରିସରରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ବ୍ୟାପକ କ୍ଷତି ହୋଇଛି। କ୍ୟାମ୍ପସରେ ଥିବା ଆମ୍ବୁଲାନ୍ସଟି ପବନରେ ଓଲଟି ଭାଙ୍ଗି ଯାଇଥିବା ବେଳେ ସୋଲାର୍ ପ୍ୟାନେଲ୍‌ଗୁଡିକ ଭାଙ୍ଗିରୁଜି ଚୁରମାର୍ ହୋଇଯାଇଥିଲା। ବହୁ କାଚ, ପ୍ଲାଇ ଓ ବୋର୍ଡ଼ରେ ହୋଇଥିବା ନିର୍ମାଣ କାର୍ଯ୍ୟଗୁଡିକ ବ୍ୟାପକ କ୍ଷତି ହୋଇଥିଲା। ତେବେ କ୍ୟାମ୍ପସ୍‌ରେ 'ଫୋନି' ମାଡରେ କାହାର ପ୍ରାଣହାନୀ ହୋଇନଥିଲେ ମଧ୍ୟ ୧୨ଜଣ ସାମାନ୍ୟ ଭାବେ ଆହତ ହୋଇଥିଲେ। ତେବେ କ୍ୟାମ୍ପସରେ ସମସ୍ତ ପ୍ରକାର ଜରୁରୀକାଳୀନ ବ୍ୟବସ୍ଥା ଉପଲବ୍ଧ ଥିଲା। ସୋମବାର ସୁଦ୍ଧା କ୍ୟାମ୍ପସରେ ପାଠପଢା ସ୍ୱାଭାବିକ ହୋଇଥିଲା। ତେବେ ଭୁବନେଶ୍ୱର ଆଇଆଇଟିର ସ୍କୁଲ ଅଫ୍ ଆର୍ଥ, ଓସେନ୍ ଆଣ୍ଡ କ୍ଲାଇମେଟ୍ ସାଇନ୍ସ ବିଭାଗ ପକ୍ଷରୁ ଫୋନିର ଲ୍ୟାଣ୍ଡଫଲ୍ ନେଇ କରାଯାଇଥିବା ଆକଳନ ଠିକ ପ୍ରମାଣିତ ହୋଇଥିଲା। ନୂଆଦିଲ୍ଲୀସ୍ଥିତ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ(ଆଇଏମ୍‌ଡି)କୁ ଭୁବନେଶ୍ୱର ଆଇଆଇଟି ଫୋନିର ସମୟ ବାବଦରେ ସୂଚିତ କରିଥିଲା। ଅପରପକ୍ଷେ ଭୁବନେଶ୍ୱର ଆଇଆଇଟିରେ ଫୋନି ପରେ ବିଦ୍ୟୁତ ସଂଯୋଗ କଟି ଯାଇଥିଲା। ମାତ୍ର ୩ ତାରିଖ ସନ୍ଧ୍ୟା ସୁଦ୍ଧା ଡିଜି ଜେନେରେଟର୍ ଦ୍ୱାରା କ୍ୟାମ୍ପସ୍‌କୁ ଆଲୋକିତ କରିବା ସହିତ ଜଳ ଯୋଗାଣ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟରନେଟ୍ ସେବା ମଧ୍ୟ ଯୋଗାଇ ଦିଆଯାଇଥିଲା। ତା' ପରଦିନ ରାଜ୍ୟ ସରକାରଙ୍କ ସହାୟତାର ଗ୍ରୀଡ୍ ପକ୍ଷରୁ ବିଦ୍ୟୁତ୍ ଯୋଗାଣ କରାଯାଇଥିଲା। ପରେ ପୁଣି ୮ ଓ ୧୦ ତାରିଖରେ ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହୋଇଥିଲା। ମାତ୍ର ପରେ ସାହା ସେବାପ୍ରଦାନକାରୀ ସଂସ୍ଥାଗୁଡିକ ଦ୍ୱାରା ଠିକ୍ କରାଯାଇଥିଲା। ମୂଳରୁ ଉପୁଡି ଯାଇଥିବା ଗଛଗୁଡିକ ପୁଣି ଉଠାଯାଇ ପ୍ରତିରୋପଣ କରାଯାଇଥିଲା। କ୍ୟାମ୍ପସ୍‌ରେ ହଜାର ହଜାର ଗଛ ଉପାଡି ପଡିଥିବା ବେଳେ ବହୁ ଗଛକୁ ଅସ୍ଥାୟୀ ସହାୟକ ଦ୍ୱାରା ଛିଡା କରାଯାଇଛି। କେବଳ ବିଦ୍ୟୁତ ଓ ନିର୍ମାଣର ସ୍ଥାୟୀ ମରାମତି କାମ ୨ରୁ ୩ ମାସ ପର୍ଯ୍ୟନ୍ତ ଲାଗିବ ବୋଲି ପ୍ରଫେସର ରାଜକୁମାର କହିଛନ୍ତି। ଫୋନି ପାଇଁ କେବଳ ୩ ଓ ୪ ତାରିଖକୁ ବାଦ୍ ହେଲେ ଭୁବନେଶ୍ୱର ଆଇଆଇଟିର ପାଠପଢା ବିଶେଷ ପ୍ରଭାବିତ ହୋଇନାହିଁ। ୩ ଓ ୪ ତାରିଖରେ ଥିବା ପରୀକ୍ଷାଗୁଡିକ ପୁଣି ୫ ଓ ୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ଫଳରେ ଛାତ୍ରଛାତ୍ରୀମାନଙ୍କର ଗ୍ରୀଷ୍ମଛୁଟି ପୂର୍ବରୁ ସମସ୍ତ ପରୀକ୍ଷା ସରିଥିଲା। ଭୁବନେଶ୍ୱର ଆଇଆଇଟି ପୂର୍ବରୁ ପ୍ରସ୍ତୁତ କରିଥିବା କ୍ୟାଲେଣ୍ଡର୍ ବା ବାର୍ଷିକ ଯୋଜନା ବଜାୟ ରହିଛି। ଅଧ୍ୟାପକ, ଅଧ୍ୟାପିକା, ଛାତ୍ର,ଛାତ୍ରୀ ଓ କର୍ମଚାରୀମାନଙ୍କ ସହାୟତରେ ଭୁବନେଶ୍ୱର ଆଇଆଇଟି ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଛି ବୋଲି ପ୍ରଫେସର ରାଜକୁମାର କହିଛନ୍ତି।